
# ପିଲାଙ୍କ ଧରିତ୍ରୀ

ଶନିବାର, ୨୭ ଜୁଲାଇ, ୨୦୧୯

୭ ଜଣା ଅଜଣା

୩ ଆସ ଜାଣିବା





୬ ପ୍ରତିଭା



୨ ଗପ



# ଭାରି ଦରକାରୀ ଅଦରକାରୀ




ଦୁଇଟି ବାଳକ ସବୁଦିନ ଆସି ଗାଁ ଚାରିପାଖରେ ପଡିଥିବା କାଗଜ ଟୁକୁରା, ଜରି, ବୋତଲ ସବୁ ଗୋଟାଇ ନିଅନ୍ତି। ସବୁଦିନର ଏ କାମକୁ ଲକ୍ଷ୍ୟ କରିଥାଏ ଇଶାନ। ଥରେ ସେ ତା'ର ସାଙ୍ଗମାନଙ୍କୁ ନେଇ ସେହି ଦୁଇ ବାଳକଙ୍କ ପଛେ ପଛେ ଗଲା। ଦେଖିଲା ଯେ ଦୁଇ ବାଳକ ଗାଁ ମୁଣ୍ଡରେ ବସା କରି ରହିଥିବା ଯାଯାବର ଗୋଷ୍ଠୀଙ୍କ ଭିତରେ ରହୁଛନ୍ତି। ସେମାନଙ୍କ ପାଖକୁ ଯାଇ ଇଶାନ ପଚାରିଲା ଆଚ୍ଛା ତୁମେମାନେ ଏ କାଗଜ ଟୁକୁରା, ଜରି, ବୋତଲଗୁଡିକୁ ଆଣି କ'ଣ ବିକ୍ରି କରୁଛ ? ଜଣେ ବାଳକ କହିଲା ନା, ଆମେ ସେଥିରେ ବିଭିନ୍ନ ଘରସଜା ଉପକରଣ, ଆକର୍ଷଣୀୟ ଜିନିଷ ତିଆରି କରୁଛୁ ଓ ତାକୁ ବିକ୍ରିକରି ଚଳୁଛୁ। ଏମିତି କିଛି ଜିନିଷ ଦେଖାଇଲା ଇଶାନକୁ । ଏତେ ସୁନ୍ଦର ଜିନିଷ କେବେ ଦେଖି ନ ଥିଲା ଇଶାନ। ଆଶ୍ଚର୍ଯ୍ୟ ହୋଇ ପଚାରିଲା କ'ଣ ଇଏ ସବୁ ଅବ୍ୟବହୃତ ଜିନିଷରେ ତିଆରି ହୋଇଛି। ବାଳକଟି ହଁ କହିଲା। ତା ପରଠୁ ଇଶାନ ସେହି ବାଳକଙ୍କ ପାଖକୁ ପ୍ରତିଦିନ ଖେଳ ସମୟରେ ଯାଏ ଓ ତାଙ୍କଠାରୁ ଏହି କାମ ଶିକ୍ଷା ଲାଭ କରେ।

ଏମିତି କିଛିଦିନ ପରେ ବିଦ୍ୟାଳୟରେ ଏକ ଅଭିନବ ସୃଜନ ମେଳାର ଆୟୋଜନ ହେଲା। ସେହି ମେଳାରେ ସବୁ ଛାତ୍ରୀଛାତ୍ରମାନେ ନିଜ ନିଜର ଅଭିନବ କୃତି ଓ ସୃଜନ କଳାର ପ୍ରଦର୍ଶନ କଲେ। ଇଶାନ ମଧ୍ୟ ଏହି ଅଦରକାରୀ ଜିନିଷରେ ପ୍ରସ୍ତୁତ ସୁନ୍ଦର ସୁନ୍ଦର ଜିନିଷର ପ୍ରଦର୍ଶନୀ କଲା। ମୂଲ୍ୟାୟନ ଶେଷରେ ଇଶାନର କୃତି ସବୁ ପରିବେଶକୁ ଦୂଷିତ ହେବାରୁ ରକ୍ଷା କରୁଛି। ଶିଶୁମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ସୃଷ୍ଟି କରୁଛି, ଅର୍ଥ ଉପାର୍ଜନର ବାଟ ଦେଖାଉଛି ଓ ଘରକୁ ଆକର୍ଷଣୀୟ କରିବାରେ ସହାୟକ ହେଉଛି ବୋଲି ଜଣାପଡିଲା।

ଏତେ ସବୁ ଗୁଣ ବହନ କରୁଥିବା ଇଶାନର କୃତି ବେଶ୍ ପ୍ରଶଂସିତ ହେଲା ଓ ସେ ପୁରସ୍କାର ମଧ୍ୟ ପାଇଲା। ତେବେ ଏସବୁ ପାଇଁ ଇଶାନ ଶ୍ରେୟ ଦେଉଥାଏ ସେହି ଦୁଇ ବାଳକଙ୍କୁ। ତହିଁ ଆରଦିନ ଗୁରୁଜୀଙ୍କୁ ସାଙ୍ଗରେ ଧରି ଇଶାନ ସେ ଦୁଇ ବାଳକଙ୍କ ପାଖରେ ପହଞ୍ଚିଲା ଏବଂ ସେମାନଙ୍କର ପାଠପଢା ପାଇଁ ବ୍ୟବସ୍ଥା କରିଦେବାକୁ ଗୁରୁଜୀଙ୍କୁ ଅନୁରୋଧ କଲା। ଇଶାନର ପ୍ରସ୍ତାବରେ ଗୁରୁଜୀ ଖୁବ୍ ଖୁସି ହେଲେ। ଶେଷରେ ଦୁଇ ବାଳକ ପଢିବାର ସୁଯୋଗ ପାଇଲେ। ଗୁରୁଜୀ ଇଶାନକୁ କହିଲେ, ତୁମ ଭଳି ସବୁ ଛାତ୍ରୀଛାତ୍ର ଉଦ୍ୟୋଗୀ ଓ ସହଯୋଗୀ ହୋଇପାରିଲେ ଏକ ସୁନ୍ଦର ସମାଜ ସୃଷ୍ଟି ହେବା ସହ ଅଦରକାରୀ ଜିନିଷ ସବୁ ଭାରି ଦରକାରୀ ହୋଇଯିବ।

**–ଶୁଭ ନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ:୯୪୩୮୪୩୨୦୨୩

## ଖିଲି ଖିଲି ହସ

ମିଶ୍ର ଅଙ୍କଲ ତାଙ୍କ ହାତରେ ବଲ ଧରି ଠିଆ ହୋଇଥିଲେ। ପାଟିକରି କହିଲେ: ଚିଣ୍ଟୁ–ବଣ୍ଟୁ ଏ ବଲ କାହାର ?
ମିଶ୍ର ଅଙ୍କଲଙ୍କ ପାଟି ଶୁଣି ବଣ୍ଟୁ ଡରିଗଲା କିନ୍ତୁ ଚିଣ୍ଟୁ କହିଲା: ଅଙ୍କଲ , ଏଥିରେ ଆପଣଙ୍କ ଘରର ଝରକା ଭାଙ୍ଗିଚି କି ?
ମିଶ୍ର ଅଙ୍କଲ : ନା ତ ?
ଚିଣ୍ଟୁ: ତେବେ ଏ ବଲ୍‌ଟା ମୋର ଅଙ୍କଲ !

ଗୋଲୁ: ମୋ ରିଷ୍ଟୱାଚ୍ ହଜିଯାଇଛି , ତୁ ଦେଖିଛୁ କି ମୋଲୁ ?
ମୋଲୁ: ମୁଁ ତ ଦେଖିନି ? ଆଚ୍ଛା, ଗୋଲୁ ,ତୋ ରିଷ୍ଟ ୱାଚ୍ ଚାଲୁଥିଲା ନା ବନ୍ଦଥିଲା ?
ଗୋଲୁ: ଚାଲୁଥିଲା
ମୋଲୁ: ତେବେ ଚାଲି ଚାଲି କୁଆଡେ ପଳାଇଥିବ।

ପପୁ ଯେଉଁ ବସ୍‌ର କଣ୍ଡକ୍ଟର ଥିଲା ,ସେ ବସ୍‌ଟି ନଦୀକୁ ଖସି ପଡିଲା ....
ରିପୋର୍ଟର : ବସ୍‌ଟି ଯେତେବେଳେ ନଦୀକୁ ଖସି ପଡିଲା ଆପଣ ସେତେବେଳେ କ'ଣ କରୁଥିଲେ ?
ପପୁ: ମୁଁ କିଛି ଜାଣିନି ?
ରିପୋର୍ଟର: ମନେ ପକାଇ କୁହନ୍ତୁ କ'ଣ ହୋଇଥିଲା ?
ପପୁ: ଆଜ୍ଞା,ସେଦିନ କଣ୍ଡକ୍ଟର ଆସି ନଥିଲେ ମୁଁ ଟିକେ ଟଙ୍କା ଆଦାୟ କରିବାକୁ ପଛ ସିଟ୍ ଆଡକୁ ପଳାଇ ଯାଇଥିଲି।

## ମତାମତ

★ ପୃଷ୍ଠା ୭ରେ ସ୍ଥାନିତ 'ଲାଲ୍ ଟୁକ୍‌ଟୁକ୍ ସାଧବବୋହୂ' ପାଠଟି ଭଲ ଲାଗିଲା। ବାସ୍ତବରେ ଜନସାଧାରଣ ସାବଧାନ ନ ହେଲେ ଈଶ୍ୱର ସୃଷ୍ଟ କୀଟପତଙ୍ଗଙ୍କର ଧ୍ୱଂସ ଦିନେ ମାନବ ସମାଜର ଧ୍ୱଂସକୁ ଡାକିଆଣିବ। ଏହା ଏଥିରୁ ସ୍ପଷ୍ଟ ଅନୁମେୟ।
**– ଅନିଷା ସ୍ୱାଇଁ,** ତେଲେଙ୍ଗାପେଣ୍ଠ, କଟକ

★ କହିଲ ଦେଖିର ଉତ୍ତର ଦେବାକୁ ମଜା ଲାଗୁଛି। କବିତା ସ୍ତମ୍ଭରେ ପ୍ରକାଶିତ ସମସ୍ତ କବିତା ବେଶ୍ ହୃଦୟସ୍ପର୍ଶୀ ଥିଲା।
**– ରିକି, ପିଙ୍କି,** ଇନ୍ଦିପୁର, ଢେଙ୍କାନାଳ

★ 'ଅଭାବରେ ସ୍ୱଭାବ' ଗପଟି ଶିକ୍ଷଣୀୟ ଥିଲା। ଆନନ୍ଦ ମିଳୁଥିବା କାମରୁ ହିଁ ପାରଦର୍ଶିତା ହାସଲ କରିହୁଏ ତାହା ଜାଣିବାକୁ ମିଳିଲା।
**– ଅବିନାଶ ମହାନ୍ତ,** ବରି, ଯାଜପୁର

★ ଆଇନା ପୃଷ୍ଠାରେ ସ୍ଥାନ ପାଉଥିବା ଫଟୋଗୁଡିକ ଖୁବ୍ ସୁନ୍ଦର ଲାଗୁଛି।
**– ଲିପିକା, ମଧୁ,** ଜଟଣୀ, ଖୋର୍ଦ୍ଧା





## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

ଚଗଲା ଭୀମୁ





# ଗୋବୀ ମରୁଭୂମି

ଗୋବୀ ମରୁଭୂମି ଏସିଆ ମହାଦେଶର ମଙ୍ଗୋଲିଆର ଅଧିକାଂଶ ଭାଗରେ ବିସ୍ତୃତ ହୋଇରହିଛି। ଏହା ଅନ୍ୟ ମରୁଭୂମିଠାରୁ ମଧ୍ୟ ଭିନ୍ନ । ଗୋବୀ ଏକ ମଙ୍ଗୋଲିଅନ୍ ଶବ୍ଦ। ସେହି ଶବ୍ଦର ଅର୍ଥ ହେଉଛି– ଜଳରହିତ ସ୍ଥାନ (ଜଳଶୂନ୍ୟ ସ୍ଥାନ)। ଏହି ମରୁଭୂମି ପ୍ରାଚୀନ କାଳରେ ଏପରି ହିଁ ନ ଥିଲା। ଏହି କ୍ଷେତ୍ରର ମଝିରେ ମଝିରେ ସମୃଦ୍ଧଶାଳୀ ଭାରତୀୟ ବସ୍ତିଗୁଡ଼ିକ ରହିଥିଲା। ଗୋବୀ ମରୁସ୍ଥଳ ପଶ୍ଚିମରେ ପାମିରର ପୂର୍ବାଞ୍ଚଳ ପର୍ବତଗୁଡ଼ିକଠାରୁ ଆରମ୍ଭ କରି ପୂର୍ବରେ ଖିଙ୍ଗନ ପର୍ବତମାଳା ପର୍ଯ୍ୟନ୍ତ ବିସ୍ତୃତ। ଉତ୍ତରରେ ଅଲତାଇ, ଖଙ୍ଗାଇ ଏବଂ ୟାବ୍ଲୋନୋଇ ପର୍ବତମାଳାଠାରୁ ଆରମ୍ଭ କରି ଦକ୍ଷିଣରେ ଅଲତାଇନ ତଥା ନାନଶାନ୍ ପର୍ବତ ପର୍ଯ୍ୟନ୍ତ ବିସ୍ତୃତ। ଏହାର ପଶ୍ଚିମ ଭାଗ ତାରିମ୍ ବେସିନ୍‌ର ଏକ ଭାଗ। ଏହା ପୃଥିବୀର ପଞ୍ଚମ ଏବଂ ଏସିଆର ବୃହତ୍ତମ ମରୁଭୂମି। ସାହାରା ମରୁଭୂମି ପରି ଏହି ମରୁଭୂମିକୁ ତିନୋଟି ଭାଗରେ ଯଥା– ତାକଲାମାକନ ମରୁଭୂମି, ଅଲଶାନ ମରୁଭୂମି ଏବଂ ମୁଅସ୍ ଓ ଓର୍ଟସ୍ ମରୁଭୂମିରେ ବିଭକ୍ତ କରାଯାଇଛି।

ଏହାର ଅଧିକାଂଶ ଭାଗ ବାଲିଆ ନ ହୋଇ ପଥୁରିଆ ଅଟେ। ଏହାର ଜଳବାୟୁରେ ଅତିଶୀଘ୍ର ପରିବର୍ତ୍ତନ ହୋଇଥାଏ। ବର୍ଷସାରା ଏହାର ତାପମାତ୍ରା ମଧ୍ୟ ଶୀଘ୍ର ପରିବର୍ତ୍ତନ ହୋଇଥାଏ। ଏପରିକି ଚବିଶ ଘଣ୍ଟା ମଧ୍ୟରେ ବ୍ୟାପକ ପରିବର୍ତ୍ତନ ଆସେ। ବର୍ଷାର ହାରାହାରି ମାତ୍ରା ୫୦ ରୁ ୧୦୦ ମିଲିମିଟର ମଧ୍ୟରେ ହୋଇଥାଏ। ଏଠାରେ ପ୍ରାୟତଃ ବର୍ଷା ଗ୍ରୀଷ୍ମଋତୁରେ ହିଁ ହୁଏ। ଏଠାକାର ପ୍ରାୟ ନଦୀଗୁଡ଼ିକ ବର୍ଷାଋତୁରେ ପ୍ରବାହିତ ହୋଇଥାନ୍ତି। ତେଣୁ ବର୍ଷାଋତୁରେ ନଦୀରେ ପାଣି ରହିଥାଏ। ନିକଟବର୍ତ୍ତୀ ପର୍ବତଗୁଡ଼ିକରୁ ନିର୍ଗତ ଜଳଧାରା ମରୁଭୂମିର ଶୁଷ୍କ ଭୂମିରେ ମିଶିଯାଏ। ଏଠାରେ ଶୁଷ୍କ ପ୍ରତିରୋଧୀ ଗୁଣଥିବା ସୈକସୋଲ ନାମକ ବୃକ୍ଷ ବହୁମାତ୍ରାରେ ଦେଖାଯାଏ। କମ୍ ପତ୍ର ବିଶିଷ୍ଟ ବୃକ୍ଷଗୁଡ଼ିକ ଏହି ଅଞ୍ଚଳରେ ପରିଦୃଷ୍ଟ ହୋଇଥାଏ। ପ୍ରାୟ ପତ୍ରବିହୀନ ବୃକ୍ଷ ମରୁଭୂମିର ଅସ୍ଥିର ବାଲିରେ ଉଠିଥାଏ। ଏହି ବିଶେଷ ଗୁଣ କାରଣରୁ ଏହି ବୃକ୍ଷଗୁଡ଼ିକ ଭୂ–କ୍ଷରଣ (ମୃତ୍ତିକା କ୍ଷୟ) ରୋକିବାରେ ସହାୟକ ହୋଇଥାଏ। ଗୋବୀ ମରୁଭୂମିରେ ବେକ୍ଟେରିୟନ ନାମକ ଏକ ଓଟ ପ୍ରଜାତି ଦେଖାଯାନ୍ତି ଯାହାର ଦୁଇଟି କୁଜ ରହିଥାଏ। ଏଠାରେ କିଛି ଜଙ୍ଗଲୀ ଗଧ ତଥା ବିଶେଷ ପ୍ରଜାତିର ଭାଲୁ ମଧ୍ୟ ଦେଖାଯାଆନ୍ତି। ଏଠାରେ ଦେଖାଯାଉଥିବା ଗୋବୀ ଏବଂ ମଜାଲାଇ ପ୍ରଜାତିର ଭାଲୁ ବର୍ତ୍ତମାନ ଲୁପ୍ତପ୍ରାୟ। ଏହା ବ୍ୟତୀତ ଏଠାରେ ଜଙ୍ଗଲୀ ଘୋଡ଼ା, ବାରଶିଙ୍ଗା, ଗୁଣ୍ଡୁଚିମୂଷା ଆଦି ଜୀବ ବାସ କରନ୍ତି।

ପୃଥିବୀର ବୃହତ୍ ମରୁଭୂମି ମଧ୍ୟରେ ଗୋବୀ ଏକ ମରୁଭୂମି, ଯାହାର ବିସ୍ତାର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ପ୍ରାୟ ୬୦୦ ମାଇଲ ତଥା ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ପ୍ରାୟ ୧୦୦୦ ମାଇଲ୍। ତିବ୍ବତ ତଥା ଅଲତାଇ ପର୍ବତମାଳାଗୁଡ଼ିକ ମଧ୍ୟରେ ଗର୍ତ୍ତ ରୂପରେ ବିଦ୍ୟମାନ। ଏହାର ପ୍ରାକୃତିକ ଭୂ–ସଂରଚନା ଢାଲୁ, ଯାହା ଚାରିପଟେ ପର୍ବତ ରହିଛି।

ଏହି ମରୁଭୂମିର ପୂର୍ବଭାଗରେ ଯେଉଁଠାରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଯୋଗୁ କିଛି ବର୍ଷା ହୋଇଯାଏ ସେଠାରେ କିଛି ଚାଷବାସ ମଧ୍ୟ ହୋଇଥାଏ। ସେଠାରେ ମେଣ୍ଢା, ଛେଳି ତଥା ଅନ୍ୟ ପ୍ରାଣୀପାଳନ କରାଯାଇଥାଏ। ଏହି ମରୁଭୂମିରେ ପ୍ରତ୍ନତାତ୍ତ୍ୱିକ ଖୋଦନରେ ବୌଦ୍ଧସ୍ତୂପ, ଏବଂ ହିନ୍ଦୁ ଦେବତାମାନଙ୍କର ମୂର୍ତ୍ତିଗୁଡ଼ିକ ବିଭିନ୍ନ ପାଣ୍ଡୁଲିପିରେ ତଥା ଭାରତୀୟ ଭାଷାଗୁଡ଼ିକରେ ଏବଂ ବର୍ଣ୍ଣାକ୍ଷର ଗୁଡ଼ିକରେ ଅନେକ ଆଲେଖ୍ୟ ଓ ଅବଶେଷ ପ୍ରାପ୍ତ ହୁଏ। ସପ୍ତମ ଶତାବ୍ଦୀରେ ସୁପ୍ରସିଦ୍ଧ ଚାଇନା ପରିବ୍ରାଜକ ହୁଏନ୍ ସାଂ ଏହି ମରୁଭୂମି ଦେଇ ଭାରତ ଆସିଥିଲେ ଏବଂ ଚାଇନା ଫେରିଥିଲେ। ଏହି କ୍ଷେତ୍ରରେ ବୌଦ୍ଧ ଧର୍ମ ଓ ଭାରତୀୟ ସଂସ୍କୃତିର ପ୍ରାଧାନ୍ୟ ଦେଖାଯାଏ।

**– ସ୍ମିତା ନାୟକ**
ଭଞ୍ଜନଗର, ଗଞ୍ଜାମ








## ଆସ ଜାଣିବା

# ଅପ୍‌ସାଇଡ୍ ଡାଉନ୍ ମ୍ୟୁଜିୟମ୍

ଥରେ ଚିନ୍ତା କଲେ, ପୃଥିବୀରେ ଥିବା ସବୁ ଗଛ, ଆମେ ବସୁଥିବା ଚେୟାର, ରହୁଥିବା ଘର ଆଦି ଯଦି ଓଲଟା ଲଟକିଥାନ୍ତେ ତେବେ କ'ଣ ହୋଇଥାନ୍ତା ? ଭାବିଲେ ବି ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ତେବେ ପର୍ଯ୍ୟଟକମାନଙ୍କୁ ଏଭଳି ଏକ ସ୍ୱତନ୍ତ୍ର ଅନୁଭୂତି ଦେବାଲାଗି ଫିଲିପାଇନ୍ସର ପାସେ ସହରର ରହିଛି 'ଅପ୍‌ସାଇଡ୍ ଡାଉନ୍ ମ୍ୟୁଜିୟମ୍'। ଏହି ମ୍ୟୁଜିୟମ୍ ଭିତରେ ପ୍ରବେଶ କରିବା ମାତ୍ରେ ପର୍ଯ୍ୟଟକମାନେ ଏକ ସମ୍ପୂର୍ଣ୍ଣ ନୂତନ ଦୁନିଆର ଅନୁଭୂତି ଲାଭ କରନ୍ତି। ଏହି ମ୍ୟୁଜିୟମ୍ ଭିତରେ ଥିବା ଜିନିଷ ଏବଂ ଆସବାବପତ୍ର ଏଭଳି ଭାବେ ସଜାଯାଇଥାଏ ଯାହା ଦେଖିବାକୁ ସମ୍ପୂର୍ଣ୍ଣ ଓଲଟା ଲାଗେ। ସାଧାରଣତଃ ଆମ ଘରେ ଆସବାବପତ୍ର ଚଟାଣକୁ ଲାଗି ରହୁଥିବା ବେଳେ ଏହି ମ୍ୟୁଜିୟମ୍‌ରେ କିନ୍ତୁ ଛାତ ଉପରୁ, ପାର୍ଶ୍ୱବର୍ତ୍ତୀ କାନ୍ଥରୁ ଝୁଲି ରହିଥାଏ। ୨୦୧୭ ମସିହାରେ ନିର୍ମିତ ହୋଇଥିବା ଏହି ମ୍ୟୁଜିୟମ୍‌ରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ଲାଗି ଏଭଳି ୨୦ରୁ ଊର୍ଦ୍ଧ୍ୱ ସ୍ଥାନ ରହିଛି। ସେଥିମଧ୍ୟରୁ ୯୦ଡିଗ୍ରୀ ହାଉସ୍, ମିରର୍ ହାଉସ୍, ଗୋଲିଆଥ୍ ଶୁ, ଅପ୍‌ସାଇଡ୍ ଡାଉନ ହାଇଓ୍ୱେ ଆଦି ଅନ୍ୟତମ। ଏହି ସବୁ ସ୍ଥାନରେ ପର୍ଯ୍ୟଟକମାନେ କ୍ରିଏଟିଭ ଫଟୋଗ୍ରାଫି କରିବା ସହ ପରିଦର୍ଶନର ସମ୍ପୂର୍ଣ୍ଣ ମଜା ନେଇଥାନ୍ତି।








# ତୁମ ତୂଳୀରୁ




୧




୨



୩



୪




୫




୬




୭



୮



୯



୧୦












୧
**ସାଦ୍ୟାନ୍ତ ଶତପଥୀ**
କ୍ଲାସ – ୧, ମଦର୍ସ ପବ୍ଲିକ୍ ସ୍କୁଲ, ପୁରୀ

୨
**ଦେବସ୍ମିତା ସ୍ୱାଇଁ**
କ୍ଲାସ – ୫, କେନ୍ଦ୍ରୀୟ ବିଦ୍ୟାଳୟ, ଜଟଣୀ,ଖୋର୍ଦ୍ଧା

୩
**ଆଶିଷ ଦାସ**
କ୍ଲାସ – ୧, ସେଣ୍ଟ ଆନେସ୍ କନ୍‌ଭେଣ୍ଟ ସ୍କୁଲ, ବାରିପଦା

୪
**ଅନୁଷ୍କା ବେଉରା**
କ୍ଲାସ – ୫, ସେଣ୍ଟ ଯୋଶେଫ୍ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର

୫
**ବି. ସୌମ୍ୟସିଦ୍ଧାର୍ଥ**
କ୍ଲାସ – ୨, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୋତାପୋଖରୀ, ନୂଆବଜାର, କଟକ

୬
**ମହେଶ୍ୱତା ସାହୁ**
କ୍ଲାସ– ୟୁକେଜି, ଲୋଟସ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ, ସୋହେଲା, ବରଗଡ

୭
**ଶୁଭଙ୍କର ଚଇନି**
କ୍ଲାସ – ୭,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଉରକେଲା

୮
**ସୁରଭି ସା**
କ୍ଲାସ – ୬, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର

୯
**ମେହକ ହୋତା**
କ୍ଲାସ – ୩, ଦୀପ୍ତି କନ୍‌ଭେଣ୍ଟ ସ୍କୁଲ, ଜୟପୁର

୧୦
**ଶ୍ରେୟାଲ ପଣ୍ଡା**
କ୍ଲାସ – ୫, ସେଣ୍ଟ ଯୋଶେଫ୍ ହାଇସ୍କୁଲ, ଭୁବନେଶ୍ୱର

କବିତା

## ଭୁଲିଯାଅ ମନୁ ଦୁଃଖ

**ଜୀ**ବନର ଖରସ୍ରୋତାର ନଈରେ
ଦୁଃଖ ଆସେ ଭାସିଭାସି
ଦୁଃଖର ପାହାଡ ଝରଣାଟି ଝରେ
ଆକାଶୁ ପଡ଼ଇ ଖସି।
ଦୁଃଖ ସୁଖ ଦୁହେଁ ବାନ୍ଧିଲେଟି ବସା
ଅସ୍ଥାୟୀ ତାଙ୍କ ଜୀବନ
ସବୁଦିନେ ଦୁଃଖ ସୁଖପାଶେ ରହି
ଦେଖଇ ନୂଆ ସପନ।
ଜୀବନରେ ଦୁଃଖ ଯେ ସହିଛି ବହୁ
ସବୁଠୁ ଟାଣୁଆ ସେହି
ସୁଖରେ ଯେଦିନ କାଟିଛି ଅଧିକ
ଅନୁଭବ ତା'ର ନାହିଁ।
ଭଲତ ପାଇଲେ ସମସ୍ତଙ୍କୁ ନୀତି
ଦୁଃଖଯିବ ମନୁଭୁଲି।
କର୍ତ୍ତବ୍ୟରେ କେବେ ହେଳା ନ କରିଲେ
ଦୁଃଖ ଯିବ ଅନୁସରି।

–ଜଗନ୍ନାଥ ସାମଲ,
*ତୁଳସୀପୁର, ଭଣ୍ଡାରୀପୋଖରୀ*
*ଭଦ୍ରକ*


## ପାଠ ସରେ ନାହିଁ

**ମା**ଆ ତ ମୋହର
ସଜାଇଦିଅନ୍ତି
ଯିବି ମୁହିଁ ପାଠପଢ଼ି
ପାଠ ମୁଁ ପଢ଼ିବି
ବଡ଼ ହୋଇଯିବି
ଆଗକୁ ଯିବି ମୁଁ ମାଡ଼ି।
ମାଆ ପାଦ ଛୁଇଁ
ପଢ଼ିବାକୁ ଗଲେ
ପାଠ ମୋର ଭଲ ହୁଏ
ମାଆର ପଣତ
ମୋ ମଥାର ନେତ
କୋମଳ ପରଶ ପାଏ।
ପାଠେ ଭରପୂରୁ
ଜ୍ଞାନର ଭଣ୍ଡାର
ପଢୁଥିବି ମନଦେଇ
ଗୁରୁଜୀ ଗୁରୁମା
ବୁଝାଇ କୁହନ୍ତି
ପାଠ ଜମା ସରେନାହିଁ।
ଅମୂଲ୍ୟ ରତନ
ପାଠ ମହାଧନ
ସବୁଠି ଆଦର ପାଏ
ଅଶାନ୍ତ ମନକୁ
ଶାନ୍ତ କରିଦିଏ
ପାଠକୁ ମୁଁ ଭଲ ପାଏ।
ଜ୍ଞାନବିଜ୍ଞାନକୁ
ଆପଣେଇ ନେଇ
ପାଠେ ଧ୍ୟାନ ରଖିଥିବି
ମାତାପିତାଙ୍କର
ଆଶୀର୍ବାଦ ପାଇ
ସୁବାସ ଛୁଟାଇ ଦେବି।

–ନିରଞ୍ଜନ ଖଟୁଆ
କମରପଦା(ବାଲିସାହି),
ଯଶପଡ଼ା, କଟକ




## ଆସ ଖୋଜିବା



**ପା**ଞ୍ଚଟି ଅକ୍ଷରେ ନାମଟି ମୋର
ଅକ୍ଷର ରହିଛି ଦୁଇ ପ୍ରକାର...
ଏକବର୍ଣ୍ଣ ଅଛି ଦୁଇ ସ୍ଥାନରେ
ଆଉ ଏକ ବର୍ଣ୍ଣ ତିନି ସ୍ଥାନରେ...
ବାମରୁ ପଢ଼ିଲେ ପଢ଼ିବ ଯାହା
ଡାହାଣୁ ପଢ଼ିଲେ ପଢ଼ିବ ତାହା...
ଆଦ୍ୟ ଦୁଇ ବର୍ଣ୍ଣ ପିତାରେ ଗଣା
ପ୍ରାନ୍ତ ତିନି ବର୍ଣ୍ଣ ପୁତ୍ରରେ ଜଣା...
ଦୁଇ ପିତା ଦୁଇ ମାତା ମୋ ସିନା
ମୂର୍ଖ, ପଣ୍ଡିତ ସମସ୍ତଙ୍କୁ ଜଣା...
ବୟସ ମୋ ଶହେ ପଚିଶି ସାକ୍ଷୀ
ନାମଟି ମୋହର କହିଲ ଦେଖି...

କ ଛି ଲ ଢେ ଖି



ଉ: ନନ୍ଦନନ୍ଦନ

–ଚନ୍ଦ୍ରମଣି ବସ୍ତିଆ
ଡେଙ୍ଗ, ନିଆଳୀ, କଟକ

ଶିଶୁ ପ୍ରତିଭା

## ମଡେଲିଂ ନିଶାରେ ସ୍ନେହାଶ୍ରୀ



**ମ**ଡେଲିଂର ଗ୍ଲାମର ଦୁନିଆ ତାଙ୍କୁ ଆକୃଷ୍ଟ କରିଛି ପିଲାଟି ଦିନରୁ। ତେଣୁ ଅତି କମ୍ ବୟସରୁ ସେ ମଡେଲିଂ କ୍ଷେତ୍ରରେ ସାଉଁଟିଛନ୍ତି ଅନେକ ସଫଳତା। ସେ ହେଉଛନ୍ତି ଭୁବନେଶ୍ୱର ସ୍ଥିତ ଗୌରୀଶଙ୍କର ରେସିଡେନ୍ସିଆଲ ଇଂଲିଶ୍ ମିଡିୟମ୍ ସ୍କୁଲର ଷ୍ଟାଣ୍ଡାର୍ଡ-୭ର ଛାତ୍ରୀ ସ୍ନେହାଶ୍ରୀ ସାହୁ। ମାତ୍ର ଏଇ ବୟସରୁ ବି ସେ ଅନେକ ପ୍ରତିଭାର ଅଧିକାରୀ। ନିକଟରେ ଆସାମର ଗୁଆହାଟୀଠାରେ ଅନୁଷ୍ଠିତ ଷ୍ଟାର ଆଇକନ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଜାତୀୟ ପ୍ରତିଯୋଗିତାରେ 'ମିସ୍ କିଡ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଗ୍ଲୋବ୍-୨୦୧୯' ଟାଇଟଲ ଜିତିବାରେ ପ୍ରଥମ ଓଡିଆ ଝିଅ ଭାବେ ଗୌରବ ଅର୍ଜନ କରିଛନ୍ତି। ଏହା ବ୍ୟତୀତ ଓଡିଶା ଫ୍ୟାଶନ୍ ଭିଲ୍ଲା ତରଫରୁ ଗତ ଏପ୍ରିଲ ମାସରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଜୁନିୟର ଟପ୍ ମଡେଲ ପ୍ରତିଯୋଗିତାରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ସ୍ନେହାଶ୍ରୀଙ୍କ ଅନ୍ୟାନ୍ୟ ସଫଳତା ମଧରେ ରହିଛି ଲିଟିଲ୍ ମିସ୍ ଓଡିଶା, ମିସ୍ କଲ୍ଲୋଳ, ଆଦି ଟାଇଟଲ୍। ସ୍ନେହାଶ୍ରୀ ଯେ କେବଳ ରାଜ୍ୟ ବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ସାଉଁଟିଛନ୍ତି ତାହା ନୁହେଁ ବରଂ ଆସନ୍ତା ଅକ୍ଟୋବର ମାସରେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଷ୍ଟାର ଆଇକନ୍ ଇଣ୍ଟରନ୍ୟାଶନାଲ ଗ୍ଲୋବ୍‌ରେ ଅଂଶଗ୍ରହଣ କରିବାର ଯୋଗ୍ୟତା ମଧ ହାସଲ କରିଛନ୍ତି। ଭୁବନେଶ୍ୱର ଓଲ୍ଡଟାଉନ୍ ନିବାସୀ ମାତା ରତ୍ନ ମଞ୍ଜରୀ ସାହୁ ଏବଂ ପିତା ନବକିଶୋର ସାହୁଙ୍କ ଝିଅ ସ୍ନେହାଶ୍ରୀଙ୍କ ପ୍ରତିଭା କେବଳ ମଡେଲିଂରେ ସୀମିତ ନୁହେଁ ସେ ନୃତ୍ୟ, ସଙ୍ଗୀତ, କୁଙ୍ଗ-ଫୁ, ପେଣ୍ଟିଙ୍ଗ ଆଦିରେ ମଧ୍ୟ ପାରଦର୍ଶିତା ଲାଭ କରିଛନ୍ତି। ବିଦ୍ୟାଳୟ, ଜିଲା ତଥା ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେ ଅନେକ ପୁରସ୍କାର ଏବଂ ସମ୍ମାନ ଲାଭ କରିଛନ୍ତି। ତେବେ ମଡେଲିଂ କ୍ଷେତ୍ରରେ ଅନେକ ନାଁ କମେଇବା ସହ ଭବିଷ୍ୟତରେ ଜଣେ ଦକ୍ଷ ମଡେଲ ହେବାକୁ ଲକ୍ଷ୍ୟ ରଖିଛନ୍ତି ଏହି କୁନି ପ୍ରତିଭା।

–ଲିପ୍‌ସା ବିଶୋଇ

## ଏଥରର ପ୍ରଶ୍ନ ?

**କେଉଁଟି ଅଲଗା?**

- ମାଛ, ସାପ, କୁମ୍ଭୀର, ହ୍ୱେଲ
- ଚାମଚ, ଖଣ୍ଡା, ଛୁରି, ବେଲା
- ତମ୍ବା, ଲୁହା, ଟିଣ, ଆୟୋଡିନ
- କୁକୁର, ବିଲେଇ, ବିଲୁଆ, ଠେକୁଆ
- ତ୍ରିଭୁଜ, ଜ୍ୟାମିତି, ପରିମିତି, ବୀଜଗଣିତ

## ଆଗରର ଉତ୍ତର

- ବଲ୍ଲୁ
- ପାଳଙ୍ଗ
- ସିମ୍ଫ
- ବିଲେଇ ଏବଂ ମୂଷା
- କୁକୁର

# ଜଣା ଅଜଣା




✲ ଆଲବାଟ୍ରସ୍ ନାମକ ପକ୍ଷୀ ଉଡିଲା ବେଳେ ମଧ୍ୟ ଶୋଇପଡିଥାଏ।

✲ ଓଟ ପିଠିରେ ଥିବା କୁଜରେ ଏହାର ଚର୍ବି ସଂରକ୍ଷିତ ହୋଇରହିଥାଏ। ଜନ୍ମ ବେଳେ ଓଟ ଛୁଆର ଏହି କୁଜ ନ ଥାଏ।



✲ ଅଷ୍ଟ୍ରେଲିଆରେ ବାସ କରୁଥିବା କଙ୍ଗାରୁ ନିଜ ଉଚ୍ଚତାର ପ୍ରାୟ ୩ ଗୁଣ ଉଚ୍ଚକୁ ଡେଇଁପାରେ।



✲ ଅଷ୍ଟ୍ରେଲିଆର କେତେକ ଅଞ୍ଚଳରେ ଦେଖାଯାଉଥିବା ରେଗାଲ ଫ୍ଲାୱାର ବାର୍ଡ ପ୍ଲାଣ୍ଟ ନାମକ ଫୁଲ ଦେଖିବାକୁ ହମିଙ୍ଗ ବାର୍ଡ ଭଳି।



✲ପୃଥିବୀରେ ପ୍ରାୟ ୧ ମିଲିୟନ୍‌ରୁ ବି ଅଧିକ ପ୍ରଜାତିର କୀଟପତଙ୍ଗ ରହିଛନ୍ତି।



✲ ଭାରତ ଏବଂ ତିବ୍ବତ ସୀମା ନିକଟରେ ଥିବା ଉତ୍ତରାଖଣ୍ଡର ଚମୋଲି ଜିଲାର ମାନା ଗାଁକୁ ଭାରତର ଶେଷ ଗାଁ ଭାବେ ଅବିହିତ କରାଯାଇଛି।



# ଆଇନା



ଆର୍ଯ୍ୟନ
୭ ବର୍ଷ



ଆରତ୍ରିକା
୭ ବର୍ଷ



ସୁନୁ
୫ ବର୍ଷ